## ବିଭିନ୍ନ ଜାଗାରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ

# ଭାରତୀୟ ସଂସ୍କୃତିର ଯୋଗ ବିଶ୍ୱକୁ ବଡ଼ ଉପହାର



ବଲାଙ୍ଗିର

ଲୋଇସିଂହା

ବଲାଙ୍ଗିର ଗାନ୍ଧୀନଗରପଡା

ଲୋଇସିଂହା

କଣ୍ଟାବାଞ୍ଜି

**ବଲାଙ୍ଗିର,୨୧।୬(ସମିସ):** ସମଗ୍ର ବିଶ୍ୱ ସହିତ ବଲାଙ୍ଗିର ଜିଲ୍ଲାର ପଞ୍ଚାୟତସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଆଜି ଉତ୍ସାହ, ଉଦ୍ଦୀପନାର ସହ ପାଳିତ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ପ୍ରୟାସରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଏକ ଭବ୍ୟ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। ଏହି ବୃହତ୍ ଯୋଗ ଶିବିରରେ ବହୁ ସଂଖ୍ୟକ ଯୋଗପ୍ରେମୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାରତୀୟ ସଂସ୍କୃତିର ଯୋଗ ବିଶ୍ୱକୁ ସବୁଠାରୁ ବଡ଼ ଉପହାର। ଯୋଗ କେବଳ ବ୍ୟାୟାମ ନୁହେଁ। ଏହା ମନ, ଶରୀର ଓ ଆତ୍ମାକୁ ସଂଯୋଗ କରିବାର ଏକ ମାଧ୍ୟମ। ସାମ୍ପ୍ରତିକ ବ୍ୟସ୍ତ ଜୀବନଶୈଳୀରେ ମାନସିକ ଚାପମୁକ୍ତ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗ ଅତ୍ୟନ୍ତ ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନରେ ଯୋଗକୁ ଅବିଚ୍ଛେଦ୍ୟ ଅଂଶ କରିବା ଉଚିତ ବୋଲି ସେ କହିଥିଲେ। ବଜେଟ ୨୦୨୬-୨୭ରେ ସରକାର ଗ୍ରାମାଞ୍ଚଳରେ ଯୋଗ ପ୍ରଶିକ୍ଷଣକୁ ଆହୁରି ବ୍ୟାପକ କରିବା ସହ ଲୋକଙ୍କୁ ଯୋଗ ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ପ୍ରଶିକ୍ଷକ ନିଯୁକ୍ତି କରିବା ଓ ପାରିଶ୍ରମିକ ବୃଦ୍ଧି କରିବାର ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହି ଜିଲ୍ଲାସ୍ତରୀୟ ସମାରୋହରେ ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିବାଜୀ ଇସଲୱାର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା କ୍ରୀଡା ଅଧିକାରୀ ହରିଓମ୍ ଶମ୍ଭୁ ନାରାୟଣ ଦାସ, ବଲାଙ୍ଗିର ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, କ୍ରୀଡ଼ା ଛାତ୍ରାବାସର ଅଧୀକ୍ଷକ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସହ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନସିସି, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଯୋଗ ସଂସ୍ଥାର ସଦସ୍ୟ ଯୋଗ ଦେଇଥିଲେ।

ବଲାଙ୍ଗିର ଗାନ୍ଧୀନଗରପଡାସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଓ ବରିଷ୍ଠ ଶିକ୍ଷୟତ୍ରୀ ନୂତନ ନାୟକ ଯୋଗର ଆବଶ୍ୟକତା ଓ ଦୈନନ୍ଦିନ ଜୀବନରେ ଏହାର ଗୁରୁତ୍ୱ ସମ୍ପର୍କରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେମାନେ ଯୋଗକୁ ସୁସ୍ଥ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ପାଇଁ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା ଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଯୋଗ ଶରୀରକୁ ସୁସ୍ଥ, ସୁଦୃଢ ଓ ନମନୀୟ ରଖିବାରେ କିପରି ସହାୟକ ହୁଏ ସେ ବିଷୟରେ ବୁଝାଇଥିଲେ। ଏହା ମାନସିକ ଚାପ ହ୍ରାସ କରିବା, ଏକାଗ୍ରତା ବୃଦ୍ଧି କରିବା ଓ ଶ୍ୱାସକ୍ରିୟାକୁ ସୁଦୃଢ କରିବାରେ ସହାୟକ ବୋଲି କହିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ନାଏକ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରି ଯୋଗର ଗୁରୁତ୍ୱ ବୁଝାଇଥିଲେ। ଏହି ଅବସରରେ ସୁସ୍ଥ ଜୀବନଯାପନ ଓ ନିୟମିତ ଯୋଗାଭ୍ୟାସ ପାଇଁ ସେ ସମସ୍ତ ଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ।

**ଲୋଇସିଂହା:** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ପରିସରରେ ୧୨ ତମ ବିଶ୍ୱ ଯୋଗ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଗଲପୁର ବିଧାୟକ ପ୍ରତିନିଧି ପୀତାମ୍ବର କଣ୍ଟା, ଡୁଡକା ସରପଞ୍ଚ ଅଶୋକ ପଟେଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁଦ୍ର ପ୍ରସାଦ ସୁନା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବରାଜ ତାଣ୍ଡି, ବିଭାଗୀୟ ଅଧିକାରୀ ଦୁଷ୍ମନ୍ତ ଧରୁଆ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକର କର୍ମଚାରୀ ଓ ଆଗଲପୁର ଜନ ସାଧାରଣ ଯୋଗ ଦେଇ ଯୋଗ ଅଭ୍ୟାସ କରିଥିଲେ। ସୁସ୍ଥ ଶରୀର, ବିକାର ରହିତ ମନ, ଆତ୍ମିକ ଉନ୍ନତି ଏବଂ ଆଧ୍ୟାତ୍ମିକ ଉନ୍ନତି ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ବରିଷ୍ଠ ରାଜସ୍ୱ ଅଧିକାରୀ ଜ୍ୟୋତି ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଯୋଗ ଅଭ୍ୟାସ କରାଇଥିଲେ। ଅରବିନ୍ଦ ପାଣ୍ଡେ, ଦେବାଶିଷ ନନ୍ଦ, ଶୁକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ବୁଡର୍‌ସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ବୁଡର୍ ପତଞ୍ଜଳି ପରିବାର ଆନୁକୂଲ୍ୟରେ ୧୨ତମ ବିଶ୍ୱ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ମହିଳା ରାଜ୍ୟ ସମ୍ବାଦ ପ୍ରଭାରୀ ସସ୍ମିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଯୋଗ ଅଭ୍ୟାସରେ ଅତିଥି ଭାବେ ଲୋଇସିଂହା ତହସିଲ ଯୋଗ ସମିତି ପ୍ରଭାରୀ ରାମଚନ୍ଦ୍ର ସାହୁ ଦୀପ ପ୍ରଜ୍ୱଳନ କରିଥିଲେ। ରାଜୁ ସାହୁ, ଶିକ୍ଷକ ହିମାଂଶୁ ସାହୁ, ଯଜ୍ଞସେନୀ ସାହୁ, ରଶ୍ମିତା ସାହୁ, ମନୀଷା ସାହୁ, ପ୍ରଜ୍ଞାନ ସାହୁ, ସୁମନ୍ତ ଚିହ୍ନା ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟାବାଞ୍ଜି:** ଫିଟ୍ ଓଡ଼ିଶା ମିଶନ୍ ଆନୁକୂଲ୍ୟରେ କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ସୁରଥ ବେହେରା ଯୋଗର ମହତ୍ତ୍ୱ ଓ ବିଭିନ୍ନ ଯୋଗାସନ ସମ୍ପର୍କରେ ପ୍ରଦର୍ଶନ ସହ ବିସ୍ତୃତ ଆଲୋଚନା କରିଥିଲେ। ଫିଟ୍ ଓଡ଼ିଶାର ନୋଡାଲ ଅଧିକାରୀ କରୁଣାକର ନାଏକଙ୍କ ଆବାହକତ୍ୱରେ ଏହା ଆୟୋଜିତ ହୋଇଥିଲା। ଅଧ୍ୟାପିକା ସବିତା ମହାପାତ୍ର, ପ୍ରଭାସିନୀ ରାଉତରାୟ, ଦୀପାଳୀ ଶର୍ମା, ଅଙ୍କିତା ଦାସ, ଉର୍ମିଳା ସାହୁ, ଅଧ୍ୟାପକ ଡ. ସଂଜୟ ମିଶ୍ର, ରୋହିତ କିଶୋର କୁମ୍ଭାର, ଜତିନ୍ ଦ୍ୱାରୀ, ସୁଶାନ୍ତ ସ୍ୱାଇଁ, ଉମେଶ ବାଗ, କୃଷ୍ଣ ମେହେର, ଗ୍ରନ୍ଥାଗାରିକ ମନୀଷ ମହାନ୍ତି, ଡିଇଓ ଦିଗାମ୍ବର ନାଗ, କିରାଣି ଅନିଲ ଦୀପ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ ଯୋଗ ମାଧ୍ୟମରେ ସୁସ୍ଥ ଶରୀର ଓ ସୁସ୍ଥ ମନ ଗଠନର ଆବଶ୍ୟକତା ଉପରେ ମତବ୍ୟକ୍ତ କରି ସମସ୍ତଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ।


ଝାରସୁଗୁଡ଼ା

**ଝାରସୁଗୁଡ଼ା:** ଝାରସୁଗୁଡ଼ାଠାରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଓଏସଏପି ପଡ଼ିଆଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଗ ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ "ଯୋଗ ମହୋତ୍ସବ-୨୦୨୬' ଆୟୋଜିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତେ ଯୋଗ ଅଭ୍ୟାସ କରିବା ସହ ସୁସ୍ଥ ସମାଜ ଗଠନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଏସ୍‌ପି ଜି ଆର ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ, ବିଭିନ୍ନ ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ, ପୁଲିସ ବାହିନୀ, ଆଇଆରବି ବାଟାଲିୟନର ଯବାନ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ପ୍ରତିନିଧି ଏବଂ ଯୋଗପ୍ରେମୀ ସାମିଲ ହୋଇଥିଲେ। ଯୋଗ ଗୁରୁ ସୁଦାମ ପ୍ରଧାନ ଏବଂ ପ୍ରସନ୍ନଜିତ ସାହୁଙ୍କ ସମେତ ଜିଲ୍ଲା ଯୋଗ ମହୋତ୍ସବ ସମିତିର ସଦସ୍ୟ ଶିବିର ପରିଚାଳନା କରିଥିଲେ। ମାନସିକ ଓ ଶାରୀରିକ ସୁସ୍ଥତା ରଖିବାରେ ଯୋଗର ଭୂମିକା ସମ୍ପର୍କରେ ଧାରଣା ଦେବା ସହ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ ପ୍ରକାର ଆସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରାଇଥିଲେ। ସୁସ୍ଥ ଶରୀର ଏବଂ ଶାନ୍ତ ମନ ହିଁ ସମୃଦ୍ଧ ସମାଜର ମୂଳଦୁଆ ବୋଲି ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା। ପ୍ରତିଦିନ ନିୟମିତ ଭାବେ ଯୋଗ କରିବା, ଅନ୍ୟମାନଙ୍କୁ ଯୋଗ କରିବା ପାଇଁ ପ୍ରେରିତ କରିବା ଏବଂ ଏକ ସୁସ୍ଥ ତଥା ନିଶାମୁକ୍ତ ସମାଜ ଗଠନରେ ନିଜର ସହଯୋଗ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମୃତ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ଜଳନ୍ଧର ଦରବାର ଉଦ୍‌ଯାପିତ

**ବଲାଙ୍ଗିର/ଦେଓଗାଁ,୨୧।୬(ସମିସ):** ଦେଓଗାଁ ବ୍ଲକ୍ ଷଷ୍ଠୀ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଜଳନ୍ଧର ମୁକୁନ୍ଦପୁର ପଞ୍ଚାୟତର ପୁରୁଣାପାଣିରେ ଆଞ୍ଚଳିକ ଶୀତଳ ଦରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ



ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ଡବଲ ଇଞ୍ଜିନ ସରକାରର ଲୋକଙ୍କ ପ୍ରତି କରୁଥିବା ଅବହେଳା ଉପରେ ସେ ଅବଗତ କରିଥିଲେ। ସେ ବିଧାୟକ ଥିବା ବେଳେ ଶିକ୍ଷା କ୍ଷେତ୍ରରେ ହୋଇଥିବା ବିକାଶ ଉପରେ ସୂଚନା ଦେଇଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ମଧ ଭୀମ ଡୁଙ୍ଗୁରିର ଅନେକ ଉନ୍ନତି କରାଯାଇଥିଲା। ୨ ବର୍ଷ ହେଲା ଏହି ପର୍ଯ୍ୟଟନ ସ୍ଥଳ କାହିଁକି ଖାଁ ଖାଁ ଲାଗୁଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। କମିଟି ସଂପାଦକ ମୟ ପ୍ରଧାନୀ ମଞ୍ଚ ପରି.ଳନା କରିଥିଲେ। ଯୁବନେତା ଅସୀତ ମିଶ୍ର, ଅବସରପ୍ରାପ୍ତ ସେନା କର୍ମ.ରୀ ଚମାର ସିଂ ଭୋଇ, ବ୍ରଜ ନାଏକ, ବିଶ୍ୱଜିତ ପାତ୍ର, ରାଜିନ୍ଦ୍ର ନାଏକ, ମନବୋଧ ହରପାଲ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଗୌରହରି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଚକ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡମାଲ ପଞ୍ଚାୟତରେ ଜନସମ୍ପର୍କ କାର୍ଯ୍ୟକ୍ରମ



**ଝାରସୁଗୁଡ଼ା,୨୧।୬(ସମିସ):** ଝାରସୁଗୁଡ଼ା ବ୍ଲକ୍ ବଡମାଲ ପଞ୍ଚାୟତ ପରିସରରେ ଆଜି ଏକ ପଞ୍ଚାୟତସ୍ତରୀୟ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜନସାଧାରଣଙ୍କ ସହ ସ୍ୱଷ୍ଟ ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଏହି ଅବସରରେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକ ଶ୍ରୀ ତ୍ରିପାଠୀ ପଞ୍ଚାୟତର ୧୮ ଜଣ ଯୋଗ୍ୟ ଓ ଗରିବ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ।

## ଓଡ଼ିଶା ପ୍ରାଦେଶିକ ମାରୱାଡ଼ି ଯୁବ ମଞ୍ଚର ଶପଥ ଗ୍ରହଣ

**ଟିଟିଲାଗଡ,୨୧।୬(ସମିସ):** ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବମଞ୍ଚର କେନ୍ଦ୍ରୀୟ ଶାଖା ଟିଟିଲାଗଡ଼ ଆନୁକୂଲ୍ୟରେ ସଂଗଠନର ଏକ ଭବ୍ୟ ସାମୂହିକ ଶପଥ ଗ୍ରହଣ ସମାରୋହ କର୍ମଶାଳା ଆୟୋଜିତ ହୋଇଯାଇଛି। ସଂଗଠନର ଅଖିଳ ଭାରତୀୟ ରାଷ୍ଟ୍ରୀୟ ସଭାପତି ସୁରେଶ ଏମ୍ ଜୈନ, ରାଷ୍ଟ୍ରୀୟ ସଂଯୋଜକ ହରିଶ ଅଗ୍ରୱାଲ, ରାଜ୍ୟ ସଭାପତି ଅଜୟ ଶର୍ମା, ପୂର୍ବତନ ରାଜ୍ୟ ସଭାପତି ମନିଷ ଅଗ୍ରୱାଲ, ରାଜ୍ୟ ସମ୍ପାଦକ ଚେତନ ଟିବଡେୱାଲ, ରାଜ୍ୟ କୋଷାଧ୍ୟକ୍ଷ ସୁରଜ ବାପଡିଆ, ଉମେଶ କନୋଡିଆ, ସମ୍ପାଦକ ରାକେଶ ଜୈନ, କାର୍ଯ୍ୟକ୍ରମ ସଂଯୋଜକ ମଦନ ଅଗ୍ରୱାଲ, ସହାୟକ ମନ୍ତ୍ରୀ ଆରୁଷ ଶର୍ମା, ମଣ୍ଡଳ ଉପସଭାପତି ବିକାଶ କେଡ଼ିଆ, ମୁଖ୍ୟାଳୟ ଉପସଭାପତି ସୁମିତ ସାୱାଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ସଦସ୍ୟ ଦୀପେଶ ଜୈନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଯୁବା ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଦୋକାନ ଘରର ଛଡ଼ ଦିଶିଲାଣି



**କଣ୍ଟାବାଞ୍ଜି,୨୧।୬(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହର ନିୟନ୍ତ୍ରୀତ ବଜାର କିମଟିର ଦୋକାନ ଘରଗୁଡ଼ିକ ବିପଦସଂକୁଳ ହୋଇ ପଡିଛି। ନିୟନ୍ତ୍ରୀତ ବଜାର କିମଟି ପକ୍ଷରୁ ୮ଟି ଦୋକାନ ଘର ଭଡ଼ାରେ ଲାଗିଛି। ଏହି ଦୋକାନ ଘରଗୁଡ଼ିକର ଛାତରୁ ସିମେଣ୍ଟ ଅତଡ଼ା ଖସୁଛି। କାନ୍ଥ ଫାଟି ଆଁ କଲାଣି। ରଡ୍ ଦେଖା ଗଲାଣି। ନିୟନ୍ତ୍ରିତ ବାଜାର କମିଟି କିନ୍ତୁ ଏହା ଉପରେ ନଜର ଦେଉନାହାନ୍ତି। ଖୋଦ୍ ଟିଟିଲାଗଡ଼ ଉପ ଜିଲ୍ଲାପାଳ ଏହାର ଦାୟିତ୍ୱରେ ଅଛନ୍ତି। ଭଡ଼ା ପାଇଁ କାହିଁକି ଏହିଭଳି ଅବହେଳା କରାଯାଉଛି ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ କିଛି ଲୋକ ଭଡ଼ା ନ ଦେଇ ଅକ୍ତିଆର କରି ରଖିଛନ୍ତି।

## ପ୍ରଶାସନର ଚଢ଼ଉ ଫେଲ୍

# ବେଆଇନ ବାଲିଘାଟରୁ ଥମୁନି ଲୁଟ୍

**ବଲାଙ୍ଗିର,୨୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରଶାସନର କଡ଼ା ଆଭିମୁଖ୍ୟ ଓ ବାରମ୍ବାର ଚଢ଼ଉ ସତ୍ତ୍ୱେ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଏବଂ ମାଫିଆରାଜ୍ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁ ନାହିଁ। ଗତ କିଛି ଦିନ ତଳେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବିଭିନ୍ନ ବେଆଇନ ବାଲି ଘାଟ ଉପରେ ବଡ଼ ଧରଣର ଚଢ଼ଉ କରାଯାଇଥିଲା। ବହୁ ପରିମାଣର ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା; କିନ୍ତୁ ଏହି କାର୍ଯ୍ୟା ନୁଷ୍ଠାନର ପ୍ରଭାବ ବାଲି ମାଫିଆଙ୍କ ଉପରେ ସାମାନ୍ୟ ସୁଦ୍ଧା ପଡ଼ିଥିବା ଭଳି ମନେ ହେଉନାହିଁ। ପ୍ରଶାସନର ଆଖିରେ ଧୂଳି ଦେଇ ଏବେ ମଧ ନଦୀପଠାରୁ ଦିନରାତି ବେଆଇନ ଭାବେ ଶହ ଶହ ଟ୍ରିପ୍ ବାଲି ଲୁଟ୍ ଚାଲିଛି; ଯାହା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକରୁ ସରକାରୀ ନିଲାମ ବିନା କିମ୍ବା ନିର୍ଦ୍ଧାରିତ ସୀମା ବାହାରକୁ ଯାଇ ମାଫିଆ ପ୍ରତିଦିନ ବାଲି ଉତ୍ତୋଳନ କରୁଛନ୍ତି। ପ୍ରଶାସନିକ ଚଢ଼ଉ ସମୟରେ ମାଫିଆମାନେ କିଛି ସମୟ ପାଇଁ ନିଜର କାର୍ଯ୍ୟକଳାପ ବନ୍ଦ ରଖୁଛନ୍ତି; କିନ୍ତୁ ଅଧିକାରୀମାନେ ଫେରିଯିବା ମାତ୍ରେ ପୁଣି ଥରେ ସେହି ବେଆଇନ ଘାଟଗୁଡ଼ିକ ସକ୍ରିୟ ହୋଇଉଠୁଛି। ବିଶେଷ କରି ବିଳମ୍ବିତ ରାତିରୁ ଭୋର ସମୟ ପର୍ଯ୍ୟନ୍ତ ଜେସିବି ମେସିନ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଖୋଳାଯାଇ ବଡ଼ ବଡ଼ ହାଇୱା ଏବଂ ଟ୍ରାକ୍ଟର ମାଧ୍ୟମରେ ବାହାର ଜିଲ୍ଲା ଓ ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯାଉଛି। ସଇଁତଳା, ପୁଇନ୍ତଳା, ବଲାଙ୍ଗିର ସଦର, ଟିଟିଲାଗଡ, ଲୋଇସିଂହା, ଆଗଲପୁର ତହସିଲ ଅଧୀନରେ ଥିବା ବେଆଇନ ବାଲି ଘାଟରୁ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଏହି ବେଆଇନ କାରବାର ଯୋଗୁଁ ରାଜ୍ୟ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ବାଲି ଲିଫ୍ଟିଂ ପାଇଁ କୌଣସି ବୈଧ ରାଜସ୍ୱ ରସିଦ କିମ୍ବା ଚାଲାଣ ବ୍ୟବହାର କରାଯାଉ ନ ଥିବାରୁ ଏହି ଅର୍ଥ ସିଧାସଳଖ ମାଫିଆ ଏବଂ କିଛି ଅସାଧୁ କର୍ମଚାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ କେବଳ ଲୋକଦେଖାଣିଆ ଭାବେ ଛୋଟମୋଟ ଗାଡ଼ି ଉପରେ ଜରିମାନା କରାଯାଉଛି। ଏହି କଳା ସାମ୍ରାଜ୍ୟ ପଛରେ ଥିବା ମୁଖ୍ୟ କାର୍ପଟଦାରମାନଙ୍କ ପାଖରେ ପୁଲିସ କିମ୍ବା ରାଜସ୍ୱ ବିଭାଗର ହାତ ପହଞ୍ଚି ପାରୁନାହିଁ। କିଛି ଦିନ ତଳେ ହୋଇଥିବା ଚଢଉ ସମୟରେ ବହୁ ସଂଖ୍ୟାରେ ଗାଡି ଜବତ କରାଯାଇଥିଲା। ସେହି ଗାଡିର ଡ୍ରାଇଭରଙ୍କୁ ପୁଲିସ ଗିରଫ କରିଥିଲା; କିନ୍ତୁ ଅସଲରେ ସେହି ଗାଡି ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଗାଡି ମାଲିକ ଓ ବାଲି ମଫିଆ ପୁଣି ସହଜରେ ନିଜ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ବେଆଇନ ଭାବେ ଅତ୍ୟଧିକ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ପରିବେଶ ସମ୍ପୂର୍ଣ୍ଣ ରୂପେ ବିପନ୍ନ ହେବାକୁ ବସିଲାଣି। ନଦୀ ଶଯ୍ୟା ଗଭୀର ହେବା ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଉଛି; ଯାହା ଆଖପାଖ ଗାଁ ଗୁଡ଼ିକରେ ପାନୀୟ ଜଳ ସଙ୍କଟ ସୃଷ୍ଟି କରୁଛି। ଏହା ସହ ନଦୀକୂଳିଆ ଅଞ୍ଚଳରେ ବ୍ୟାପକ ମାଟି ଅତଡ଼ା ଖସୁଥିବାରୁ ଚାଷଜମି ଏବଂ ଗ୍ରାମବାସୀଙ୍କ ଘର ପ୍ରତି ବିପଦ ଦେଖାଦେଇଛି। ବାଲି ବୋଝେଇ ଭାରୀ ଗାଡ଼ି ଗୁଡ଼ିକର ନିରନ୍ତର ଚଳାଚଳ ଯୋଗୁଁ ଗ୍ରାମୀଣ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି; ଯାହା ଦ୍ୱାରା ଦୈନନ୍ଦିନ ଯାତାୟାତରେ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସାମ୍ନା କରୁଥିବା ଅଭିଯୋଗ କରିଛନ୍ତି। ତେବେ ସ୍ଥାନୀୟ ପ୍ରଶାସନିକ ସ୍ତରରେ ଥିବା କିଛି ତଳତଳିଆ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ହିଁ ଏହି କାରବାର ବନ୍ଦ ହେବାର ନାଁ ନେଉ ନ ଥିବା ଆଲୋଚନା ହେଉଛି। ଚଢ଼ଉ ହେବା ପୂର୍ବରୁ ହିଁ ମାଫିଆଙ୍କ ପାଖକୁ ଖବର ପହଞ୍ଚି ଯାଉଛି; ଯାହା ଫଳରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସଫଳ ହେଉଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନର ସ୍ୱଚ୍ଛତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସୁଧୁରୁ ନାହାନ୍ତି ବାଲି ମାଫିଆ

